# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**12 September - 2024**

**News Editor : *Itishree Sing Rathaur***

## ବିଧାନସଭା

ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ ଗତକାଲି ଶେଷ ହୋଇଛି । ଅଧିବେଶନରେ ମୋଟ୍ ୨୭ଟି କାର୍ଯ୍ୟଦିବସ ରହିଥିଲା । ଅଧିବେଶନ ଶେଷ ହେବାର ୨ଦିନ ପୂର୍ବରୁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି । ଗତ ଜୁଲାଇ ୨୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଧିବେଶନ କାଳରେ ୧୯ଟି ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇଥିଲା । ଏହାସହ ୮୩ଟି ରିପୋର୍ଟ ଉପସ୍ଥାପିତ ହୋଇଛି । ଏଥିରେ ୧୧ଟି ବାର୍ଷିକ ରିପୋର୍ଟ ଓ ୪୨ଟି କମିଟି ରିପୋର୍ଟ ଉପସ୍ଥାପିତ ହୋଇଛି । ବିଧାନସଭା ସଚିବାଳୟ ସୂଚନା ଅନୁଯାୟୀ ଅଧିବେଶନ କାଳରେ ୮୩ଟିରୁ ଅଧିକ ନିବେଦନ ଉପସ୍ଥାପିତ ହେବା ସହ ୫ଟି ବିବୃତ୍ତି, ୨ଟି ସରକାରୀ ବିଲ୍, ୨୯ଟି ବିଭାଗର ଖର୍ଚ୍ଚ ଦାବି ଏବଂ ୬ଟି ସିଏଜି ରିପୋର୍ଟ ଉପସ୍ଥାପିତ ହୋଇଥିଲା ।

## ବିଧାନସଭା-୨

ସପ୍ତଦଶ ବିଧାନସଭାର ଶେଷ ଦିନରେ ଗତକାଲି ଓଡ଼ିଶା ଦ୍ରବ୍ୟ ଓ ସେବାକର ସଂଶୋଧନ ବିଲ୍ ୨୦୨୪ ଗୃହର ଅନୁମୋଦନ ଲାଭ କରିଛି ।

ଏହି ବିଲ୍‌ରେ ୪ଟି ସଂଶୋଧନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଗତ କରିଥିବା ଏହି ସଂଶୋଧନ ବିଲ୍‌ରେ ଗୁଟ୍‌ଖା, ପାନ ଓ ମସଲା କମ୍ପାନୀରେ ବ୍ୟବହୃତ ଯନ୍ତ୍ରପାତିର ପଞ୍ଜିକରଣ ବାଧ୍ୟତାମୂଳକ କରାଯାଇଛି । ନିୟମ ଉଲ୍ଲଙ୍ଘନ କଲେ ୧ଲକ୍ଷ ଟଙ୍କା ଜୋରିମାନା କିମ୍ବା ଯନ୍ତ୍ରପାତି ଜବତ କରିବା ଭଳି ବ୍ୟବସ୍ଥା ରହିଛି ।

## ବିଧାନସଭା-୩

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବଜେଟ୍‌ରେ ଆବଣ୍ଟିତ ଅର୍ଥ ବିନିଯୋଗ କରିବା ନିମନ୍ତେ ପଦକ୍ଷେପ ନେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ ବିଭାଗର ଖର୍ଚ୍ଚଦାବି ଅନୁସାରେ ସମସ୍ତ ନୀତିନିୟମ ଅନୁସରଣ କରି ପାଣ୍ଠି ବିନିଯୋଗ କରିବାକୁ ଅର୍ଥ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି ।

## ବିଧାନସଭା-ଗୃହକମିଟି ଗଠନ

ବିଧାନସଭା ବଜେଟ୍ ଅଧିବେଶନର ଶେଷ ଦିନରେ ବିଭିନ୍ନ ଗୃହକମିଟି ଗଠନ କରାଯାଇଛି । ରେଳ ସମ୍ପର୍କିତ ଗୃହ କମିଟିରେ ବାଚସ୍ପତି ଅଧ୍ୟକ୍ଷ ଥିବାବେଳେ ଉପ ବାଚସ୍ପତି, ଜଙ୍ଗଲ ପରିବେଶ ମନ୍ତ୍ରୀ, ପରିବହନ ମନ୍ତ୍ରୀ, ଶିଳ୍ପ ମନ୍ତ୍ରୀ ପ୍ରମୁଖ ସଦସ୍ୟ ଅଛନ୍ତି । ସେହିପରି ସୀମା ବିବାଦ, ଜଗନ୍ନାଥ ମନ୍ଦିର, ଶକ୍ତି, ମହିଳା ଓ ଶିଶୁବିକାଶ ସମ୍ପର୍କିତ ଗୃହକମିଟି ଗଠନ

କରାଯାଇଛି । କମିଟି ଗୁଡ଼ିକରେ ଉଭୟ ଶାସକ ଓ ବିରୋଧୀ ସଦସ୍ୟମାନେ ସ୍ଥାନ ପାଇଛନ୍ତି ।

## ନିଯୁକ୍ତି ପତ୍ର ପ୍ରଦାନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନର କନ୍‌ଭେନସନ ସେଣ୍ଟରରେ ଆୟୋଜିତ ହେବାକୁ ଥିବା ନିଯୁକ୍ତି ମେଳାରେ ୪୭୬ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ଯୋଗଦେବେ ବୋଲି ଜଣାପଡିଛି ।

## ସୁଭଦ୍ରା

ସୁଭଦ୍ରା ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଠିକ୍ ସୂଚନା ପ୍ରଦାନ ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗୁରୁତ୍ୱ ପ୍ରଦାନ କରିଛନ୍ତି । ମନ୍ତ୍ରିମଣ୍ଡଳର ଏକ ବୈଠକରେ ସୁଭଦ୍ରା ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ଜିଲ୍ଲାସ୍ତରରେ ଆଭାସୀ ଜରିଆରେ ଯୋଜନାର ସମୀକ୍ଷା କରିବାକୁ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଆଭାସୀ ଜରିଆରେ ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ସ୍ତରୀୟ ଅଧିକାରୀମାନଙ୍କ ସହ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ ।

## ସରକାରୀ କର୍ମଚାରୀ-ସମ୍ପତ୍ତି ତାଲିକା

ଚଳିତ ବର୍ଷ ନଭେମ୍ବର ମାସ ସୁଦ୍ଧା ରାଜ୍ୟ ସରକାରୀ କର୍ମଚାରୀମାନଙ୍କୁ ସମ୍ପତ୍ତି ତାଲିକା ଦାଖଲ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ପୂର୍ବରୁ ଫେବୃୟାରୀ ୨୯ ଏବଂ ମାର୍ଚ୍ଚ ୧୬ ତାରିକ ସୁଦ୍ଧା ସମୟ ଧାର୍ଯ୍ୟ କରାଯାଇଥିଲେ ମଧ୍ୟ ଅଧିକାଂଶ ଅଧିକାରୀ ସମ୍ପତ୍ତି ତାଲିକା ଦାଖଲ କରିନଥିବା ଜଣାପଡିଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶାନାମା ଅନୁଯାୟୀ ଆସନ୍ତା ନଭେମ୍ବର ସୁଦ୍ଧା ଏଚ୍.ଆର୍.ଏମ୍.ସି ପୋର୍ଟାଲରେ ସମ୍ପତ୍ତି ତାଲିକା ଦାଖଲ ନକଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ନିୟମ ଅନୁଯାୟୀ ଗ୍ରୁପ୍-ଏରୁ ଗ୍ରୁପ୍-ଡି ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ ସମ୍ପତ୍ତି ତାଲିକା ଦାଖଲ କରିବେ ।

## ସୁଭଦ୍ରା ଯୋଜନା

ମାଲକାନଗିରି ଜିଲ୍ଲାର ୭ଟି ବ୍ଲକରେ ସୁଭଦ୍ରା ଯୋଜନା ନିମନ୍ତେ ଏପର୍ଯ୍ୟନ୍ତ ୨୮ହଜାର ୬୮୬ଜଣ ପଞ୍ଜିକରଣ କରିଛନ୍ତି । ବାଲିମେଳା ବିଜ୍ଞପିତ ଅଞ୍ଚଳରେ ୧୩୭ଜଣ ଓ ମାଲକାନଗିରି ପୌର ପରିଷଦ ଅଞ୍ଚଳରେ ୧ହଜର ୧୧୩ଜଣ ପଞ୍ଜିକରଣ କରିଥିବା ଜଣାପଡିଛି । ଜିଲ୍ଲାରେ ଥିବା ୨୯ହଜାର ୯୩୬ଟି ମୋ ସେବା କେନ୍ଦ୍ର, ୩୦୦ଟି ସାଧାରଣ ସେବା କେନ୍ଦ୍ର ଜରିଆରେ ୨୧ବର୍ଷରୁ ୬୦ବର୍ଷ ମଧ୍ୟରେ ମହିଳାମାନେ ବିନା

ମୂଲ୍ୟରେ ପଞ୍ଜିକରଣ କରୁଛନ୍ତି । ଏ ଦିଗରେ ଅଧିକରୁ ଅଧିକ ହିତାଧିକାରୀମାନଙ୍କୁ ପଞ୍ଜିକରଣ ଲାଗି ସଚେତନ କରାଯାଉଛି ।

## ପାଣିପାଗ

ମାଁମାର କେନ୍ଦ୍ର ଭାଗରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଆସନ୍ତା ୨ ଦିନ ମଧ୍ୟରେ ଏହା ବାଂଲାଦେଶ ଉପକୂଳ ସ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଉପରେ କେନ୍ଦ୍ରୀଭୂତ ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଏହାର ପ୍ରଭାବରେ ଆସନ୍ତାକାଲିଠାରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ଆସନ୍ତାକାଲି ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ୧୦ଟି ଜିଲ୍ଲାରେ ବିଜୁଳି, ଘଡଘଡି ସହ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି ।

## ହୀରାକୁଦ ଜଳଭଣ୍ଡାର

ହୀରାକୁଦ ଉପରମୁଣ୍ଡରେ ବର୍ଷା ପରିମାଣ ବୃଦ୍ଧି ପାଇବା ଯୋଗୁଁ ଜଳଭଣ୍ଡାରକୁ ଜଳପ୍ରବାହ ବୃଦ୍ଧି ପାଇଛି । ଏହାକୁ ଦୃଷ୍ଟିରେ ରଖି ହୀରାକୁଦର ୬ଟି ଗେଟ୍ ଖୋଲାଯାଇଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୨ଲକ୍ଷ ୮୨ହଜାର କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ସେହି ସମୟ ମଧ୍ୟରେ ୯୭ହଜାର ୮୭୧ କ୍ୟୁସେକ୍ ଜଳ ନିଷ୍କାସିତ

ହେଉଛି । ଗତ ସଂଧ୍ୟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୬ ଦଶମିକ ୨/୯ ଫୁଟ ଥିଲା ।